■ ଅଖିଳ ଭାରତ ପେନସନ ଅଦାଲତ

# ୬୧ଟି କେସ ଫଇସଲା



• ଭୁବନେଶ୍ୱର, ପିଏନଏସ

ସ୍ଥାନୀୟ ପ୍ରଧାନ ମହାଲେଖାକାର (ଏଜି) ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସହଯୋଗରେ ମଙ୍ଗଳବାର ପ୍ରଥମ ଥର ପାଇଁ ଅଖିଳ ଭାରତ ପେନସନ ଅଦାଲତ ଏଜି ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ହୋଇଯାଇଅଛି। ପ୍ରଧାନ ମହାଲେଖାକାର ଯଶୋଧାରା ରାଏ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ କେ ମୀନା, ମହାଲେଖାକାର ବିଭୂଦତ୍ତ ବସନ୍ତିଆ, ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ପିସି ମାଝି। ରାଜ୍ୟ କୋଷାଗାର ନିର୍ଦ୍ଦେଶକ ବିପି ନନ୍ଦ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଦେଶରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଉଥିବା ଏହି ସର୍ବଭାରତୀୟ ପେନସନ ଅଦାଲତରେ ଭାରତୀୟ ପ୍ରଶାସନିକ ସେବା ଓ ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କର ବକେୟା ପ୍ରାପ୍ୟ ଓ ଅଭିଯୋଗ ଶୁଣାଣି ଆୟୋଜିତ ଏହି ପେନସନ ଅଦାଲତକୁ ପ୍ରଶାସନ ସଚିବ ଶ୍ରୀ ମୀନା ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍ଘାଟନ କରିଥିଲେ। ଶ୍ରୀ ମୀନା ତାଙ୍କ ଅଭିଭାଷଣରେ କହିଥିଲେ ଯେ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କର ଯଥା ସମୟରେ ପେନସନ ଫଇସଲା ନିମନ୍ତେ ସମସ୍ତଙ୍କର ସହଯୋଗ ରହିବା ଜରୁରୀ। ଯେଉଁମାନଙ୍କର ପେନସନ ଏଠାରେ ଫଇସଲା ହୋଇ ନପାରିବ ପର୍ଯ୍ୟାୟକ୍ରମେ ଜିଲ୍ଲାୱାରୀ ପେନସନ ଅଦାଲତର ଆୟୋଜନ କରାଯାଇ ସେଗୁଡିକର ସମାଧାନ କରାଯିବ। ପ୍ରଧାନ ମହାଲେଖାକାର ରାଏ ଚୌଧୁରୀ ବିଭିନ୍ନ ବିଭାଗ ଗୁଡିକରୁ ଶୀଘ୍ର ସୂଚନା ଓ ତତ ସମ୍ବନ୍ଧୀୟ କାଗଜପତ୍ର ବିଳମ୍ବରେ ଆସୁଥିବାରୁ ପେନସନର ମାନଙ୍କର ପ୍ରାପ୍ୟ ତୁରନ୍ତ ପ୍ରଦାନ କରାଯାଇ ପାରୁନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଯଥା ସମୟରେ ପେନସନ ଫଇସଲା ପାଇଁ ସେମାନଙ୍କର ସହଯୋଗ ରହିବା ଦରକାର ବୋଲି ପ୍ରକାଶ କରିଥିଲେ। ଡେପୁଟି ଏକାଉଣ୍ଟାଣ୍ଟ ଜେନେରାଲ ପେନସନ ଡ ନନ୍ଦ ଦୁଲାଲ ଦାସ ସମସ୍ତଙ୍କର ସହଯୋଗ ପାଇଁ ସବୁ ବିଭାଗର ବରିଷ୍ଠ ଅଧିକାରୀ ଓ ପେନସନରମାନଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ପେନସନ ଅଦାଲତରେ ୬୧ଟି ପେନସନ କେସ ଫଇସଲା ହୋଇଥିଲା। ପେନସନରମାନଙ୍କୁ ପେନସନ ପ୍ରଦାନ କରାଯାଇଥିଲା।